# କୃଷି ସୂଚନା ସେବା

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୨୦ ମସିହା ସେପ୍ଟେମ୍ବର ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ଉଚ୍ଚା ଜମିରେ ଶୁଖିଲା ବୁଣାଧାନ:**

- ❖ ଉଚ୍ଚା ଜମିରେ ବୁଣା ଧାନରେ ଧାନ ପାଚି ଆସିବା ସମୟରେ ବୁଦାପ୍ରତି ୨ଟି ବା ପ୍ରତି ବର୍ଗମିଟରରେ ୫ଟି ଗନ୍ଧିପୋକ ଦେଖାଦେଲେ, କୀଟନାଶକ ପାଉଡର ମାଲାଥିଅନ୍ ୫% ଏକର ପିଛା ୧୦ କେ.ଜି. କିମ୍ବା ଇଥୋଫେନ୍‌ପ୍ରକ୍ସ ୧୦ ଇସି ଏକର ପିଛା ୨୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦% ଇସି ଏକର ପିଛା ୧୦୦୦ ମି.ଲି. ସିଞ୍ଚନ କରି ଗନ୍ଧିପୋକ ଦମନ କରନ୍ତୁ ।

**ରୁଆଧାନ :**

- ❖ ବିଳମ୍ବରେ ରୁଆ ହୋଇଥିବା ଧାନରେ ପ୍ରଥମ କିସ୍ତିସାର ହିସାବରେ ଏକର ପ୍ରତି ୨୪ କେ.ଜି. ୟୁରିଆ ଏବଂ ୧୩.୫ କେ.ଜି. ଏମ୍.ଓ.ପି ସାର ଧାନ ରୁଆର ୨୦ ରୁ ୨୫ ଦିନ ପରେ ପ୍ରୟୋଗ କରନ୍ତୁ ।
- ❖ ସଅଳ ବା ସଠିକ ସମୟରେ ରୁଆଯାଇଥିବା ଧାନରେ ଦ୍ୱିତୀୟ କିସ୍ତିସାର ବା ପିଲସାର ହିସାବରେ ଏକର ପ୍ରତି ୧୨ କେ.ଜି. ୟୁରିଆ ସାର ପ୍ରୟୋଗ କରନ୍ତୁ।
- ❖ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ, ରୁଆ ଧାନରେ ଏକର ପିଛା ୪ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା (ଫେରୋମନ୍ ଟ୍ରାପ୍) ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୦.୪ ଜି. ୪ କେ.ଜି ଔଷଧ ୪ କେ.ଜି. ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫ ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ❖ ବଙ୍ଗୀପୋକ ଦମନ ପାଇଁ ଏକର ପିଛା ଥାଇମିଥୋକ୍ସାମ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ କିମା ଫିପ୍ରୋନିଲ ୫% ଏସ୍.ସି. ୪୦୦ ମି.ଲି. କିମା କ୍ଲୋରୋପାଇରିଫସ୍ ୨୦ ଇସି ୫୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ❖ ମାଟିଆ ଗୁଣ୍ଡିପୋକ (ଚକଡା ପୋକ) ବୁଦା ପ୍ରତି ୫ ରୁ ୧୦ ଟି ପୋକ ଦେଖାଦେଲେ ଜମିରେ ପାଣି ବେଶୀ ଦିନ ଜମି ରହିବାକୁ ଦିଅନ୍ତୁ ନାହିଁ । ଜଳ ନିଷ୍କାସନ କରି ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି ଜମି କ୍ରମାଗତ ଭାବେ ଓଦା ବା ଶୁଖିଲା ରହିବ ନାହିଁ । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପ୍ରତି ପାଇମେଟ୍ରୋଜିନ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ କିମ୍ବା ଡିନୋଟେଫ୍ୟୁରନ ୨୦% ଏସ୍ .ଜି ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ % ଏସ୍.ଏଲ ୫୦ ମି.ଲି. କିମ୍ବା ଏସିଫେଟ ୭୫% ଏସ୍.ପି. ୪୦୦ ଗ୍ରାମ ପ୍ରୟୋଗ କରନ୍ତୁ । ସଦାସର୍ବଦା ଉପଯୁକ୍ତ କୀଟନାଶକ ସଠିକ ମାତ୍ରାରେ ବ୍ୟବହାର କରନ୍ତୁ ।
- ❖ ଯଦି ପତ୍ରପୋଡା, ପତ୍ରପୋଡାଗାର ରୋଗ ଧାନରେ ଦେଖାଦିଏ ତେବେ ପ୍ଲାଣ୍ଟୋମାଇସିନ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ଏକ ଏକର ଜମିରେ ପ୍ରୟୋଗ କରନ୍ତୁ କିମା ଏକର ପିଛା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୩୦ ଗ୍ରାମ୍ ସହିତ କପର ଅକ୍ସିକ୍ଲୋରାଇଡ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ୮ ଦିନ ଅନ୍ତରରେ ୨ ଥର ସିଞ୍ଚନ କରନ୍ତୁ ।
- ❖ ପତ୍ରାଚ୍ଛଦ ପୋଡା ରୋଗ ଦମନ ପାଇଁ ଟେବୁକୋନାଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି ୦.୪ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ ୭୫% ୧ ମି.ଲି. ଏକ ଲିଟର ପାଣିରେ କିମ୍ବା ହେକ୍ସାକୋନାଜୋଲ ୫୦% ୨ ମି.ଲି. ପ୍ରତି ଲିଟର ପାଣି ହିସାବରେ ୭-୧୦ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ ।
- ❖ ମହିଷା ରୋଗ ଦେଖାଦେଲେ ଏକର ପ୍ରତି ମାନ୍‌କୋଜେବ୍ ୬୩% ସହିତ କାର୍ବାଣ୍ଡାଜିମ୍ ୧୨% ୨.୫ ଗ୍ରାମ୍ କୁ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ । ଏକ ମିଶ୍ରିତ ଔଷଧ ତଥା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ସହିତ ଟେବୁକୋନାଜୋଲ (୭୫% ଡବ୍ଲ୍ୟୁ.ପି.) ୦.୪ ଗ୍ରାମ୍ ଏକ ମି.ଲି. ପାଣିରେ କିମ୍ବା ଆଜୋକ୍ସିଷ୍ଟ୍ରୋବିନ୍ ସହିତ ଡିଫେନକୋନାଜୋଲ ୩୨୫ ଏସ୍.ସି. ୧ ମି.ଲି. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ❖ ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (RiceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ୍ କରି ବ୍ୟବହାର କରିପାରିବେ ।

******